# ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ

Together, Let us light up our lives

ବିଦ୍ୟୁତ୍ ନିୟାମକ ଭବନ
ପ୍ଲଟ୍ ନଂ.୪, ଚୁନକୋଳି, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧
ଟେଲି: ନଂ.୨୭୨୧୦୪୮, ୨୭୨୧୦୪୯
ଇ-ମେଲ୍: oerc@odisha.gov.in/ orierc@gmail.com ୱେବ୍‌ସାଇଟ୍ : www.orierc.org

## ସର୍ବସାଧାରଣ ନୋଟିସ

### ମାମଲା ନମ୍ବର ୦୧/୨୦୨୬

ମେସର୍ସ ଗ୍ରୀଡକୋ ଲିମିଟେଡ୍ ଏବଂ ଓଡ଼ିଶାର ଟିପି ବିତରଣ କମ୍ପାନୀଗୁଡ଼ିକ ମିଳିତ ଭାବେ ଓଇଆରସି ବିତରଣ (ଯୋଗାଣ ସର୍ତ୍ତାବଳୀ) ନିୟମାବଳୀ, ୨୦୧୯ ର ନିୟମ ୧୫୪, ୧୯୯ ଏବଂ ୨୦୪ ଅଧୀନରେ ଏକ ସାଧାରଣ ଆବେଦନ ଦାଖଲ କରିଛନ୍ତି। ଏହି ଆବେଦନ ମାଧ୍ୟମରେ ସେମାନେ ସରକାରୀ ଗ୍ରାହକମାନଙ୍କ ବ୍ୟତୀତ ଅନ୍ୟ ଉପଭୋକ୍ତାମାନଙ୍କର ଅଧିକାର ହସ୍ତାନ୍ତର ପୂର୍ବ ଅବଧି ସୁଦ୍ଧା ବାକି ଥିବା ଦୀର୍ଘକାଳୀନ ବିଦ୍ୟୁତ ବକେୟା ରାଶି ଆଦାୟ ପାଇଁ ଆମ୍‌ନେଷ୍ଟି ଏରିଅର କ୍ଲିଅରାନ୍ସ (ଏଏସି)ର ଅନୁମୋଦନ ଲୋଡିଛନ୍ତି, ଯାହାକି ଯଥାକ୍ରମେ ନିମ୍ନଲିଖିତ ପ୍ରଭାବଶାଳୀ ତାରିଖ ସୁଦ୍ଧା ବାକି ଥିବା ବକେୟାକୁ ବୁଝାଏ। ଯଥା ସେସୁ (ବର୍ତ୍ତମାନ ଟିପିସିଓଡିଏଲ୍) ପାଇଁ ୩୧.୦୫.୨୦୨୦ ସୁଦ୍ଧା ବକେୟା, ସାଉଥକୋ (ବର୍ତ୍ତମାନ ଟିପିଏସ୍‌ଓଡିଏଲ୍) ଏବଂ ୱେସକୋ (ବର୍ତ୍ତମାନ ଟିପିଡବ୍ଲ୍ୟୁଓଡିଏଲ୍) ପାଇଁ ୩୧.୧୨.୨୦୨୦ ସୁଦ୍ଧା ବକେୟା ଏବଂ ନେସକୋ (ବର୍ତ୍ତମାନ ଟିପିଏନ୍‌ଓଡିଏଲ୍) ପାଇଁ ୩୧.୦୩.୨୦୨୧ ସୁଦ୍ଧା ବକେୟା ଅଟେ।

ଆୟୋଗ ତାଙ୍କର ୨୩.୦୬.୨୦୨୬ ତାରିଖର ଅନ୍ତରୀଣ ଆଦେଶ ବଳରେ ଏହି ମାମଲାକୁ ଜନଶୁଣାଣି ମାଧ୍ୟମରେ ସମାଧାନ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହାକି ୦୪.୦୮.୨୦୨୬ ପୂର୍ବାହ୍ନ ୧୧.୦୦ ଟାରେ ହାଇବ୍ରିଡ୍ ମୋଡ୍‌ରେ ଅନୁଷ୍ଠିତ ହେବ। ଏହି ସମ୍ବନ୍ଧରେ ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ସମସ୍ତ ଅନୁଲଗ୍ନକ ସହ ଆବେଦନ ପତ୍ରଟି ଓଇଆରସି ୱେବସାଇଟ୍ (www.orierc.org) ଏବଂ ଗ୍ରୀଡକୋ ଲିମିଟେଡ୍ (www.gridco.co.in), ଟିପିସିଓଡିଏଲ (www.tpcentralodisha.com), ଟିପିଡବ୍ଲ୍ୟୁଓଡିଏଲ (www.tpwesternodisha.com), ଟିପିଏନଓଡିଏଲ (www.tpnodl.com) ଓ ଟିପିଏସଓଡିଏଲ (www.tpsouthernodisha.com) ର ୱେବସାଇଟରେ ଉପଲବ୍ଧ ଅଛି। ଯେଉଁ ବ୍ୟକ୍ତି କିମ୍ବା ସଙ୍ଗଠନ ଏହି କାର୍ଯ୍ୟାନୁଷ୍ଠାନରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ, ସେମାନେ ଆବେଦନକାରୀଙ୍କ ଏହି ଆବେଦନ ଉପରେ ନିଜର ଆପତ୍ତି/ପ୍ରସ୍ତାବ/ମତାମତ ୧୪.୦୭.୨୦୨୬ କିମ୍ବା ତା' ପୂର୍ବରୁ ଦାଖଲ କରିପାରିବେ ଏବଂ ଏହାର ଏକ ନକଲ ଆବେଦନକାରୀଙ୍କୁ ପ୍ରଦାନ କରିବାକୁ ହେବ। ଆବେଦନକାରୀମାନଙ୍କୁ ପ୍ରତିବାଦୀମାନଙ୍କର ସେହି ସମସ୍ତ ଆପତ୍ତି/ପ୍ରସ୍ତାବ/ମତାମତର ଜବାବ ଏକ ସତ୍ୟପାଠ ଆକାରରେ ୨୧.୦୭.୨୦୨୬ ସୁଦ୍ଧା ଦାଖଲ କରିବାକୁ ଏବଂ ଏହାର ଏକ ନକଲ ପ୍ରତିବାଦୀମାନଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ଭିଡିଓ କନଫରେନ୍ସ ମାଧ୍ୟମରେ ଏହି ଜନଶୁଣାଣିରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ, ସେମାନେ ୦୩.୦୮.୨୦୨୬ ଅପରାହ୍ନ ୫.୦୦ ଟା ସୁଦ୍ଧା ଆୟୋଗଙ୍କ ଇ-ମେଲ୍ ଆଇଡି (oerc.vc@gmail.com) ରେ ନିଜର ଇ-ମେଲ୍ ଠିକଣା ଜଣାଇବା ଆବଶ୍ୟକ।

ଆୟୋଗଙ୍କ ଆଦେଶାନୁଯାୟୀ

ତାରିଖ: ୨୯.୦୬.୨୦୨୬ ସ୍ୱା./- ସଚିବ